# <u>ସର୍ବସାଧାରଣ ବିଜ୍ଞପ୍ତି</u>

**ଜାତୀୟ ରାଜପଥ ନଂ-୫୫ (୨୭୭.୫୦୦ ରୁ ୨୭୯.୪୦୦ କିଲୋମିଟର, ମୌଜା-କନ୍ଦରପୁର, ସିଦ୍ଧେଶ୍ୱରପୁର ଏବଂ ଅଥଙ୍ଗା) ର ନିର୍ମାଣ ପାଇଁ ଅଧିଗ୍ରହଣ ହୋଇଥିବା ଜମିର ଦଖଲ ହସ୍ତାନ୍ତର ନିମନ୍ତେ ଜମି ମାଲିକ / ଏଥିରେ ଆଗ୍ରହୀ ବ୍ୟକ୍ତିଙ୍କ ପାଇଁ**

ସମସ୍ତ ଜମି ମାଲିକ / ଆଗ୍ରହୀ ବ୍ୟକ୍ତିମାନଙ୍କ ଦୃଷ୍ଟି ଆକର୍ଷଣ କରିବା ପୂର୍ବକ ଜଣାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ଖବରକାଗଜ ମାଧ୍ୟମରେ ପ୍ରକାଶିତ ହୋଇଥିବା ସର୍ବସାଧାରଣ ବିଜ୍ଞପ୍ତି ମୁତାବକ ଯେଉଁ ବିଷୟରେ ପୂର୍ବରୁ ସୂଚୀତ କରାଯାଇଅଛି ସେଗୁଡିକ ହେଲା :-

- ଆୱାର୍ଡ ଘୋଷଣା
- ୬୦ ଦିନ ମଧ୍ୟରେ କ୍ଷତିପୂରଣ ରାଶି ସଂଗ୍ରହ କରିବାକୁ ଜମି ମାଲିକ /ଆଗ୍ରହୀ ବ୍ୟକ୍ତିମାନଙ୍କୁ ସୂଚୀତ କରିବା ; ଏବଂ
- ସମ୍ପୃକ୍ତ ଜମିର ଦଖଲ ନିମ୍ନ ସ୍ୱାକ୍ଷରକାରୀଙ୍କୁ ହସ୍ତାନ୍ତର କରିବାକୁ ଜମି ମାଲିକମାନଙ୍କୁ ଅନୁରୋଧ କରିବା ।

| କ୍ର.ନଂ | ପୂର୍ବ ପ୍ରକାଶିତ ସମ୍ବାଦପତ୍ରର ନାମ | ପ୍ରକାଶନ ତାରିଖ |
|---|---|---|
| ୧ | ପ୍ରଜାତନ୍ତ୍ର | ୧୩.୦୭.୨୦୨୪ |
| ୨ | ସମ୍ବାଦ | ୧୪.୦୭.୨୦୨୪ |

ଏହି ୬୦ ଦିନର ଅବଧି ତା.୧୪.୦୯.୨୦୨୪ ରେ ସମାପ୍ତ ହୋଇଯାଇଅଛି ।

ତଦନୁସାରେ, ଏତଦ୍ୱାରା ସମସ୍ତ ଜମି ମାଲିକ / ଆଗ୍ରହୀ ବ୍ୟକ୍ତିମାନଙ୍କୁ ଅଧିଗୃହୀତ ଜମିର ଦଖଲ ନିମ୍ନ ସ୍ୱାକ୍ଷରକାରୀଙ୍କୁ ହସ୍ତାନ୍ତର କରିବା ନିମନ୍ତେ ଜଣାଇ ଦିଆଯାଉଅଛି । ଏଥିରେ ବିଫଳ ହେଲେ, ଜାତୀୟ ରାଜପଥ ଆଇନ, ୧୯୫୬ ର ଧାରା 3 E ର ଉପ-ଧାରା (2) ଅନୁଯାୟୀ ଉକ୍ତ ଜମିର ଦଖଲ ପୋଲିସ ସହାୟତାରେ ନିଆଯିବ ।

ଏହା ମଧ୍ୟ ଜଣାଇ ଦିଆଯାଉଅଛି ଯେ, ଯେଉଁ ଜମି ମାଲିକ / ଆଗ୍ରହୀ ବ୍ୟକ୍ତିମାନେ ଏପର୍ଯ୍ୟନ୍ତ ସେମାନଙ୍କର କ୍ଷତିପୂରଣ ରାଶି ଗ୍ରହଣ କରିନାହାଁନ୍ତି, ସେମାନେ ଯେକୌଣସି କାର୍ଯ୍ୟ ଦିବସରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ **ଭୂମିରାଶି ପୋର୍ଟାଲ** ମାଧ୍ୟମରେ ହସ୍ତାନ୍ତରିତ ହେବାକୁ ଥିବା ଏହି କ୍ଷତିପୂରଣ ରାଶି ପାଇବା ନିମନ୍ତେ ଆବଶ୍ୟକୀୟ କାଗଜପତ୍ର ଦାଖଲ କରିପାରିବେ ।

ଭୂ-ଅର୍ଜନ ଅଧିକାରୀ (ପୌର) ତଥା
ଭୂ-ଅର୍ଜନ ଅଧିକାରୀ ଏବଂ କ୍ଷମତାପନ୍ନ ପ୍ରାଧିକାରୀ,
ଜାତୀୟ ରାଜପଥ ନଂ-୫୫, କଟକ
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଟକ